بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୨ ଡ଼ିସେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ପବିତ୍ର କୁରଆନ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ମୁଖ ନିଃସୃତ ହିତବାଣୀ (ହଦିସ୍) ଓ ହଜରତ ମସିହ ମଉଦ[ଅ.ସ]ଙ୍କ ନୀତିବାଣୀ ଆଲୋକରେ ଧର୍ମପ୍ରଚାର ପରିପ୍ରେକ୍ଷୀରେ ହୁଜୁର ଅନଓ୍ୱର[ଅ.ବ]ଙ୍କର ମହତପୂର୍ଣ୍ଣ ଉପଦେଶ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରଃ ନହଲ୍‌ର ଆୟତ ସଂଖ୍ୟା ୧୨୬ର ଆବୃତ୍ତି କଲେ ଓ ତାହାର ଅନୁବାଦ ଉପସ୍ଥାପନ କରି କହିଲେ; (ହେ ରସୁଲ୍!) ନିଜ ପାଳନକର୍ତ୍ତାଙ୍କ ମାର୍ଗ ଆଡ଼କୁ (ଲୋକମାନଙ୍କୁ) ସତ୍‌ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମରେ ଡ଼ାକ ଏବଂ ସେମାନଙ୍କ ସହିତ ଏପରି ପ୍ରମାଣ ମାଧ୍ୟମରେ ଯୁକ୍ତିତର୍କ କର, ଯାହାକି ସର୍ବୋତ୍ତମ ହୋଇଥିବ । ନିଶ୍ଚିତ ରୂପେ ତୁମ ପାଳନକର୍ତ୍ତା ହିଁ ତାହାକୁ ଖୁବ୍ ଭଲ ଭାବରେ ଜାଣନ୍ତି, ଯିଏକି ତାଙ୍କ ମାର୍ଗରୁ ବିଚ୍ୟୁତ ହୋଇଯାଇଛି । ଆଉ ସେ ସତ୍‌ପଥଗାମୀ ଲୋକମାନଙ୍କୁ ମଧ୍ୟ ଭଲ ଭାବରେ ଜାଣନ୍ତି ।

ଅଲ୍ଲାଃତାଲା ପବିତ୍ର କୁରଆନରେ ସୁନ୍ଦର ଶୈଳୀରେ ଧର୍ମପ୍ରଚାର କରିବାର ଆଦେଶ ଦେଇଛନ୍ତି, ଯଦ୍ୱାରା ତାହା ଅନ୍ୟମାନଙ୍କୁ ପ୍ରଭାବିତ କରିବ ଓ ତାହାର ସୁଫଳ ମଧ୍ୟ ଲାଭ ହେବ । ଯେଉଁ ଲୋକମାନେ ଏହାର ପାଳନ କରନ୍ତି, ଅଲ୍ଲାଃତାଲାଙ୍କ କୃପାରୁ ସେଥିରେ ସେମାନେ ବେଶ ସଫଳତା ବି ପ୍ରାପ୍ତ କରିଥା'ନ୍ତି । **ସୁତରାଂ ଏହି ନିୟମକୁ ସର୍ବଦା ସ୍ମରଣ ରଖିବାକୁ ଉଚିତ୍** । ଆଜିକାଲି ସୋଶିୟାଲ ମିଡ଼ିୟା ଯୋଗୁଁ ଲୋକମାନେ ଭାବୁଛନ୍ତି, ଯେ ପ୍ରଚାର କାର୍ଯ୍ୟ ଖୁବ୍ ସହଜ ସରଳ ହୋଇଯାଇଛି । କିନ୍ତୁ ଧର୍ମପ୍ରଚାର ସକାଶେ ମଧ୍ୟ କିଛି ସର୍ତ୍ତ ଓ ବିଧି ଧାର୍ଯ୍ୟ ରହିଛି । ତାହାକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ । ନଚେତ୍ ତାହାର ଓଲଟା ପ୍ରଭାବ ଉତ୍ପନ୍ନ ହେବ । ସୁତରାଂ ଏକଥା ମନେରଖିବା ଉଚିତ୍ ଯେ, ଆମକୁ ସର୍ବଦା ପ୍ରଚାର କାର୍ଯ୍ୟ କରିଚାଲିବାର ଅଛି ଓ ଅତି ସୁନ୍ଦର ରୂପେ କରିଚାଲିବାର ଅଛି ।

ଏକଦା ହଜରତ ମସିହ ମଉଦ[ଅ.ସ] ଧର୍ମପ୍ରଚାର କରିବା ପ୍ରସଙ୍ଗରେ ଅତି ମହତପୂର୍ଣ୍ଣ ଉପଦେଶ ପ୍ରଦାନ କଲେ । ପୁଣ୍ୟଶ୍ଳୋକ କହିଲେ; ମୁଁ କଦାପି ଏହାକୁ ଉଚିତ୍ ମଣୁ ନାହିଁ, ଯେ ଯେଉଁ ଲୋକମାନେ ସଂପୂର୍ଣ୍ଣ ଭାବରେ ଇସଲାମୀୟ ଶିକ୍ଷା ସଂକ୍ରାନ୍ତରେ ଅବଗତ ନାହାନ୍ତି ଓ ତାହାର ଉଚ୍ଚ ସ୍ତରୀୟ ସଦ୍‌ଗୁଣାବଳୀ ଠାରୁ ଅପରିଚିତ ରହିବା ସହିତ ଚଳିତ ଯୁଗରେ କରାଯାଉଥିବା ଆପତ୍ତି ଓ ପ୍ରଶ୍ନର ଉତ୍ତର ଭଲ ଭାବରେ ଜାଣନ୍ତି ନାହାନ୍ତି । ଆଉ ନା ହିଁ ରୁହୁଲ୍ କୁଦ୍ଦୁସ୍ (ପବିତ୍ର ଆତ୍ମା) ଠାରୁ ସେମାନେ ଶିକ୍ଷା ପ୍ରାପ୍ତ କରିଛନ୍ତି, ତେବେ ସେମାନେ ଆମର ଓକିଲ (ପ୍ରତିନିଧି) କିପରି ହୋଇପାରିବେ । ହୁଜୁର[ଅ.ସ] ଆହୁରି କହିଲେ; **ଆମ ମୁବଲ୍ଲିଗ୍‌ମାନଙ୍କର ମଧ୍ୟ ଅଲ୍ଲାଃତାଲାଙ୍କ ସହିତ ଏକ ବିଶେଷ ସମ୍ପର୍କ ସ୍ଥାପନ ହେବା ଉଚିତ୍** । ଫଳତଃ ସେ (ଅର୍ଥାତ୍ ଅଲ୍ଲାଃ) ତାଙ୍କର ସାହାଯ୍ୟ କରିବେ ।

ଧର୍ମପ୍ରଚାର କ୍ଷେତ୍ରରେ ସର୍ବପ୍ରଥମ କଥା ଏହା ମନେରଖିବା ଉଚିତ୍, ଯେ ଇସଲାମ ଏକ ମାତ୍ର ଧର୍ମ ଓ ହଜରତ ମୁହମ୍ମଦ[ସ.ଅ] ଏକ ମାତ୍ର ନବୀ, ଯିଏ ସଂସାରରେ ଅଲ୍ଲାଃତାଲାଙ୍କ ସନ୍ଦେଶ ନେଇ ଆସିଥିଲେ, ଯାହାକି

ସକଳ ଜଗତବାସୀଙ୍କ ସକାଶେ ଉଦ୍ଦିଷ୍ଟ । ଅଲ୍ଲାଃତାଲା ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କୁ ସମଗ୍ର ମାନବଜାତି, ସମ୍ପ୍ରଦାୟ ଓ ସଂସାରବାସୀଙ୍କ ସକାଶେ ସୁସମାଚାରଦାତା ତଥା ସତର୍କକାରୀ କରି ପ୍ରେରଣ କରିଥିଲେ । ଏକଥା ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମଧ୍ୟ ଇସଲାମର ପ୍ରଚାର ଓ ପ୍ରସାର କରିବାକୁ ନିର୍ଦ୍ଦେଶ ଦେଉଥିଲେ । ଏକଦା ମହାଭାଗ କହିଲେ; ଲୋକମାନଙ୍କୁ ସେମାନଙ୍କ ବୁଦ୍ଧିଜ୍ଞାନ ଅନୁଯାୟୀ ସନ୍ଦେଶ ଦିଅ । ଆଉ ଏକ ମଞ୍ଜୁ କଥା ଶିଖାଇଲେ, **ଯେ ଅତ୍ୟାଚାରୀତର ଅଭିଶାପରୁ ବର୍ତ୍ତି ରୁହ** । ପ୍ରଚାର କାର୍ଯ୍ୟ କରୁଥିବା ଲୋକମାନଙ୍କ ଆଚାର ଓ ବ୍ୟବହାର ସର୍ବଦା ଉତ୍ତମ ତଥା ଉଚ୍ଚସ୍ତରୀୟ ହେବା ଉଚିତ୍ ଏବଂ ଅଲ୍ଲାଃଙ୍କ ଅଧିକାର ସମ୍ପାଦନ କରିବାରେ ସେମାନେ ଏପରି ଅଗ୍ରଣୀ ହୋଇଥିବେ, ଯେ ସେମାନେ କଦାପି କୌଣସି ଅତ୍ୟାଚାରୀତଙ୍କ ଅଭିଶାପର ପାତ୍ର ହୋଇ ନଥା'ନ୍ତି । ବରଂ ସେଥିରୁ ବର୍ତ୍ତି ରହିଥା'ନ୍ତି, କାରଣ ଅଲ୍ଲାଃ ଓ ଅତ୍ୟାଚାରୀତର (ଅଭିଶାପ) ମଧ୍ୟରେ କୌଣସି ବାଧକ ନଥାଏ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗୋଟିଏ ସ୍ଥାନରେ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅଲ୍ଲାଃତାଲା ଆମମାନଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଛନ୍ତି, ଯେ ମିଥ୍ୟାରୋପଗୁଡ଼ିକୁ ବୁଦ୍ଧିମତା ଓ ସତ୍ ଉପଦେଶ (ମୌଇଜାତୁଲ୍ ହସନା) ଦ୍ୱାରା ଦୂର କରନ୍ତୁ । ଏକଥା ସ୍ମରଣ ରଖନ୍ତୁ, ଯେ ଆମମାନଙ୍କ ଧର୍ମପ୍ରଚାର ସତ୍ ଚରିତ୍ର ପରିସର ମଧ୍ୟରେ ରହିବା ଉଚିତ୍ । ଅନେକ ଲୋକ କହି ଦେଇଥାନ୍ତି, ଯେ ହଜରତ ମସିହ ମଉଦ[ଅ.ସ] ମଧ୍ୟ କଠୋରତା ପ୍ରଦର୍ଶନ କରିଛନ୍ତି । ପ୍ରଥମ କଥା ତ ଏହି ଯେ ହୁଜୁର[ଅ.ସ] କଠୋରତା କରି ନାହାନ୍ତି, ବରଂ ନିଜର ବିଭିନ୍ନ ପୁସ୍ତକ କଠୋରତା ମୂଳକ ଶବ୍ଦ ପ୍ରୟୋଗ କରିବାକୁ ନିଜ ଅନୁଗାମୀମାନଙ୍କୁ ବାରଣ କରିଛନ୍ତି । ଆଉ ସ୍ୱଷ୍ଟ ଉକ୍ତିରେ କହିଛନ୍ତି, ଯେ କେତେକ ସ୍ଥାନରେ ମୁଁ ଏପରି ଶବ୍ଦ କିଛି କାରଣ ବଶତଃ ଓ ବାଧ୍ୟତା ମୂଳକ ବ୍ୟବହାର କରିଛି ଓ ସେହି କଠୋର ଉକ୍ତି ବାସ୍ତବରେ ସେମାନଙ୍କ ଇତିହାସ ପ୍ରସଙ୍ଗରେ କରିଛି, ନା କି ସେମାନଙ୍କ ପରି ଗାଳିଗୁଲଜ ଓ ଅଭଦ୍ର ଭାଷା ପ୍ରୟୋଗ କରିଛି ।

ହଜରତ ମୁସଲେହ୍ ମଉଦ[ର.ଅ] ମଧ୍ୟ ତଫସିର୍ କବିର୍‌ରେ ଉଦ୍‌ଉ ଇଲା ସବିଲେ ରବ୍‌ବିକା ବିଲ୍‌ହିକ୍‌ମତ୍‌ର ସ୍ୱଷ୍ଟିକରଣ କରିଛନ୍ତି । ହୁଜୁର[ର.ଅ] ଅତି ଦୁଃଖ ବ୍ୟକ୍ତି କରି କହିଛନ୍ତି; ଯଦି ଏହି ସୁନ୍ଦର ଓ ରୋଚକପୂର୍ଣ୍ଣ ତଥ୍ୟକୁ ମୁସଲମାନମାନେ ହୃଦୟଙ୍ଗମ କରିଥା'ନ୍ତେ ତେବେ ୟହୁଦି ଧର୍ମ ଓ ଖ୍ରୀଷ୍ଟଧର୍ମର ମଳୋତ୍ପାଟନ କରି ଦେଇଥା'ନ୍ତେ । ଦେଖ ଆମର (ପ୍ରଧାନ) ଅସ୍ତ୍ର ହେଉଛି, ପବିତ୍ର କୁରଆନ । ଯାହା ସଂକ୍ରାନ୍ତରେ ପରାକ୍ରମୀ ଅଲ୍ଲାଃ କୁହନ୍ତି; ଏହି କୁରଆନ ରୂପକ ଖଡଗ୍ ନେଇ ସଂସାରରେ ଜିହାଦ୍ (ଧର୍ମପ୍ରଚାର) କରିବାକୁ ବାହାରି ପଡ । ଦୁଃଖଦ ! ଯେ ଆଜି ଜଗତର ସମସ୍ତ ବସ୍ତୁ ମୁସଲମାନମାନଙ୍କ ଅଧୀନରେ ରହିଛି । କିନ୍ତୁ ଯଦି କିଛି ସେମାନଙ୍କ ନିକଟରେ ନାହିଁ, ତେବେ ତାହା ଏହି କୁରଆନ ରୂପକ ଖଡଗ୍ ଯାହାକୁ ସାଥିରେ ନେଇ ବାହାରି ଯିବାର ଅଲ୍ଲାଃତାଲା ଆଦେଶ ଦେଇଥିଲେ । **ତେଣୁ ଆଜି ଏହା ଜମାଅତ ଅହମଦିୟାର କର୍ତ୍ତବ୍ୟ ଯେ ସେମାନେ ଇସଲାମର ସନ୍ଦେଶ ସଂସାରବାସୀଙ୍କୁ ଅବଗତ କରାନ୍ତୁ,** ଯେ ଧର୍ମ ସକାଶେ କେବଳ ଶୁଷ୍କ ପ୍ରମାଣ ଉପସ୍ଥାପନ କରିଦେଲେ ଯଥେଷ୍ଟ ହେବ ନାହିଁ । ବରଂ ବିଭିନ୍ନ ଉପଦେଶ ମୂଳକ ଦିଗ ଯାହାର ନିଜେ ପାଳନ କରିବା ଅପରିହାର୍ଯ୍ୟ । ପୁନଶ୍ଚ କହିଲେ; ଆବେଗକୁ ଉନ୍ମାଦିତ କରିବା ପରି କଥା ମଧ୍ୟ କୁହ ଓ ବୁଦ୍ଧିମତାର ସହିତ ମୌଇଜାତୁଲ୍ ହସନାକୁ ମଧ୍ୟ ସାମିଲ ରଖନ୍ତୁ ।

ପୁଣି ଅଲ୍ଲାଃତାଲା କହିଛନ୍ତି; ତୁମେମାନେ ଭଲ ଭାବରେ ଧର୍ମ ପ୍ରଚାର କର, କିନ୍ତୁ ଯଦି ଲୋକମାନେ କଥା ନମାନନ୍ତି ତେବେ ସେଥିରୁ ଏହି ପରିଣାମ ବାହାର କରି ହତାସ ହୋଇପଡ ନାହିଁ, ଯେ ଆମକୁ ତ

ପ୍ରଚାର କରିବା ଶୈଳି ହିଁ ଜଣା ନାହିଁ । କାରଣ ସମ୍ଭବତଃ ତୁମ ପ୍ରଚାର କରିବାରେ କୌଣସି ତ୍ରୁଟି ନଥିବ, କିନ୍ତୁ ସମ୍ବୋଧିତ ବ୍ୟକ୍ତି ହୃଦୟରେ ତାହାର ଅପକର୍ମ ଏପରି ଗ୍ରାସ କରି ନେଇଥିବ ଯେ ପରମେଶ୍ୱର ତାହା ସକାଶେ ସତ୍‌ପଥର ଝରକା ଉନ୍ମୁକ୍ତ କରୁ ନଥିବେ । **ସୁତରାଂ ଧର୍ମପ୍ରଚାରରେ ନିମର୍ଜ୍ଜିତ ରହିବା ଉଚିତ୍, ଏହା ହିଁ ସାର** । ଆମର କାର୍ଯ୍ୟ କେବଳ ଧର୍ମପ୍ରଚାର କରିଚାଲିବା ଉଚିତ୍ । ପରିଣାମ (ଫଳ) ଓ ପ୍ରଭାବ ଉଦ୍ଭୃତ କରିବା ଅଲ୍ଲାଃତାଲାଙ୍କର କାର୍ଯ୍ୟ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ତୁମେମାନେ ମୋ କଥା ଶୁଣିରଖ ଓ ଭଲ ଭାବରେ ମନେରଖ ! **ଯଦି ମନୁଷ୍ୟର କଥାବାର୍ତ୍ତା ସତ୍ ହୃଦୟରେ ନହୁଏ ଓ ତାହାର ଅନୁପାଳନ ନକର ତେବେ ତାହା ପ୍ରଭାବଶାଳୀ ହୋଇ ନଥାଏ** । ହୁଜୁର[ଅ.ସ] ଗୋଟିଏ ସ୍ଥାନରେ କୁହନ୍ତି; ବିଶ୍ୱାସକାରୀଙ୍କୁ ଦ୍ୱିରୂପୀ ହେବା ଉଚିତ୍ ନୁହେଁ । ତେବେଯାଇ ପ୍ରଚାର କାର୍ଯ୍ୟରେ ପ୍ରଭୁଙ୍କ ଆଶିଷ ଅବତୀର୍ଣ୍ଣ ହେବ । ପୁନଶ୍ଚ ହୁଜୁର[ଅ.ସ] ଅନ୍ୟ ଏକ ସ୍ଥାନରେ କୁହନ୍ତି; ଗୋଟିଏ ପ୍ରକାର ହିଁ କଥା କୁହାଯାଇଥାଏ, କିନ୍ତୁ ତାହା ଏପରି ଶୈଳୀରେ ଉପସ୍ଥାପନ କରିବା ଫଳରେ ଜଣକୁ ଶତ୍ରୁ କରି ଦେଇଥାଏ ଓ ଅନ୍ୟ ଢ଼ଙ୍ଗରେ କହିବା ଦ୍ୱାରା ତାହା ମିତ୍ର କରିଦେଇଥାଏ । ଅତଏବ ଓଜାଦିଲହୁମ୍ ବିଲ୍‌ଲତି ହିୟା ଅହସନ୍ ଅନୁଯାୟୀ ନିଜ ଆଚାର ବ୍ୟବହାର ନୀତିସଙ୍ଗତ କର । ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଏହି ଶୈଳୀରେ କଥା କହିବାର ନାମ ହିକମତ୍ ରଖିଛନ୍ତି ।

ପୁନଶ୍ଚ ହୁଜୁର[ଅ.ସ] କହିଲେ; ଯେତେବେଳେ ତୁମେ କଥା କୁହ ସେତେବେଳେ ବୁଝି ବିଚାରି କୁହ ଓ ନିଜ କଥା ସଂକ୍ଷିପ୍ତ କର । କେତେବେଳେ ଛୋଟ ହସକଥା କହିଦେଲ ଯାହାକି ଲୋକମାନେ ଶୁଣିନେଲେ । ପୁଣି କେତେବେଳେ ସଂଯୋଗ ହେଲେ (ଆଉ କିଛି ଉପଦେଶ ମୂଳକ) ଆଲୋଚନା କରିଦେବ । ବସ୍ତୁତଃ ଏପରି ଧିରେ ଧିରେ ସନ୍ଦେଶ ପହଞ୍ଚାଇବା ଉଚିତ୍ ଓ କଦାପି (ଏହି କାର୍ଯ୍ୟ କରିବାରେ) ଥକିପଡ ନାହିଁ । କିନ୍ତୁ ସମ୍ପ୍ରତି ଯେହେତୁ ଲୋକମାନେ ସାଂସାରିକ ଚିନ୍ତାରେ ମଜି ରହିଛନ୍ତି ଓ ସେମାନଙ୍କୁ ବୁଝାଇବା କଷ୍ଟସାଧ୍ୟ, ଏପରି ପରିସ୍ଥିତିରେ ଯଦି ଆମର ଉତ୍ତମ ଓ ଅନୁକରଣୀୟ ନମୁନା ଦେଖାଇବା ତେବେ ଲୋକମାନଙ୍କ ଧ୍ୟାନ ସ୍ୱତଃ ଆମମାନଙ୍କ ପ୍ରତି କେନ୍ଦ୍ରିତ ହେବ । ହୁଜୁର[ଅ.ସ] କହିଲେ; **ମନେରଖ ! ପ୍ରତ୍ୟେକ ତାଲାର ଗୋଟିଏ ଚାବି ରହିଥାଏ । କଥା କହିବା ସକାଶେ ମଧ୍ୟ ଏକ ଚାବି ରହିଛି ଓ ତାହା ହେଉଛି ଉତ୍ତମ ଶୈଳୀ** । ଏପରି ନୁହେଁ ଯେ ସମସ୍ତଙ୍କ ସହିତ ଏକାପରି କଥାବାର୍ତ୍ତା କରିବା । ବର୍ଣ୍ଣନାକାରୀଙ୍କୁ ଆବଶ୍ୟକ ଯେ କାହାରି ଖରାପ କଥାରେ ମନସ୍ତାପ କରନ୍ତୁ ନାହିଁ । ବରଂ ନିଜ କର୍ମ କରି ଚାଲିବା ଉଚିତ୍ ଓ କଦାପି ଥକି ପଡିବା ଉଚିତ୍ ନୁହେଁ ।

ହଜରତ ମସିହ ମଉଦ[ଅ.ସ] ନିଜ ଜମାଅତକୁ ଉପଦେଶ ପୂର୍ବକ କହିଲେ; ଯେପରି ନମାଜ, ରୋଜା, ହଜ୍ ଓ ଜକାତ୍ ଇସଲାମର ଏପରି ଆଦେଶ, ଯାହାର ପାଳନ କରିବା ପ୍ରତ୍ୟେକ ଯୁଗରେ ଅନିବାର୍ଯ୍ୟ । ଠିକ୍ ସେହିପରି ଜିହାଦ୍ ମଧ୍ୟ ଏପରି ଏକ କର୍ମ, ଯାହାର ପାଳନ କରିବା ପ୍ରତ୍ୟେକ ଯୁଗରେ ଜରୁରୀ । ହୁଜୁର[ଅ.ସ] କହିଲେ; ଏବେ ଜିହାଦ୍ ତୁମ କଲମ ଦ୍ୱାରା ହେବ । ଅତଃ ତୁମେ କଲମ ଦ୍ୱାରା ଜିହାଦ୍ କର ଓ ସଂସାରବାସୀଙ୍କୁ ଅବଗତ କରାଅ । କାରଣ ଗୋଟିଏ ପାର୍ଶ୍ୱରେ ସେମାନେ ଏହା ସ୍ୱୀକାର କରୁଛନ୍ତି ଯେ ମସିହ ଓ ମେହଦୀ ଆସିବାର ଅଛି, କିନ୍ତୁ ଅନ୍ୟ ପାର୍ଶ୍ୱରେ ତାଙ୍କର ଅସ୍ୱୀକାର କରୁଛନ୍ତି । ଆମେ ସେମାନଙ୍କ ତର୍କ ଓ ଅନୈତିକ ଅର୍ଥ ତଥା କଳହକୁ ନେଇ ବସି ପଡିଲେ ସେଥିରୁ କିଛି ସୁଫଳ ଲାଭ ହେବା ନାହିଁ । ସେମାନଙ୍କୁ କହିବା ଉଚିତ୍ ଯେ ଆମର ମୂଳ ଉଦ୍ଦେଶ୍ୟ ଇସଲାମକୁ ସମଗ୍ର ଜଗତରେ ଜୟଯୁକ୍ତ କରିବା ଅଟେ । କାରଣ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସମଗ୍ର ସଂସାର ସକାଶେ ନବୀ ଓ ରସୁଲ ହୋଇ ଆସିଥିଲେ । ଆଜି ଆମର ସଂଖ୍ୟା ବିଶ୍ୱର ସମୁଦାୟ

ଜନସଂଖ୍ୟାର ଏକ ଚତୁର୍ଥାଂଶ ଠାରୁ ବି କମ୍ । ଯେପର୍ଯ୍ୟନ୍ତ ଆମେ ସଂସାରବାସୀଙ୍କୁ ଇସଲାମର ଧ୍ୱଜା ତଳେ ଆଣି ଏକତ୍ରିତ କରି ନାହେଁ, ଆମେ କିପରି କହିପାରିବା ଯେ ଆମେ ବହୁତ କାମ କରିଦେଇଛେ । ଆଜି ଆମର ହିଁ ଏହା ଦାୟିତ୍ୱ ଯେ ଆମେ ଏପରି ଜିହାଦ୍ କରିବା, ଯେ ତାହା ସଫଳ ହୋଇଯିବ ।

ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ମୁଁ ମୁରବୀମାନଙ୍କୁ କହିବାକୁ ଚାହୁଁଛି, ସେମାନଙ୍କ ଉପରେ ଏକ ଗୁରୁଦାୟିତ୍ୱ ନ୍ୟସ୍ତ ରହିଛି । ସେମାନଙ୍କୁ କେବଳ ଜମାଅତର ତରବିୟ୍ୟତ୍ କରିବାର ନାହିଁ, ବରଂ ତରବିୟ୍ୟତ୍ କରିବା ସହିତ ସଦସ୍ୟବୃନ୍ଦଙ୍କୁ ଅଲ୍ଲାଃତାଲାଙ୍କ ସହିତ ଯୋଡ଼ିବାକୁ ହେବ । ଯେଉଁସ୍ଥଳେ ସେମାନେ ଏହି କାର୍ଯ୍ୟ ସମ୍ପାଦନ କରିବେ ସେଠାରେ ସେମାନଙ୍କ ଜ୍ଞାନରେ ମଧ୍ୟ ଅଭିବୃଦ୍ଧି ଘଟିବ । ଆଉ ସଦସ୍ୟବୃନ୍ଦଙ୍କୁ ଜିହାଦ୍ କରିବା ପାଇଁ ପ୍ରସ୍ତୁତ ମଧ୍ୟ କରିପାରିବେ । ସେତେବେଳେ ହିଁ ସେମାନେ ନିଜ ପ୍ରତିଜ୍ଞା ସମ୍ପନ୍ନକାରୀ ହୋଇପାରିବେ ।

ପରିଶେଷରେ ହୁଜୁର ଅନୱ୍ୱର[ଅ.ବ] ହଜରତ ମୁସଲେହ୍ ମଉଦ[ର.ଅ]ଙ୍କର ମୁରବୀମାନଙ୍କୁ ବିଭିନ୍ନ ଅବସରରେ କରିଥିବା ଉପଦେଶଗୁଡ଼ିକ ମଧ୍ୟରୁ କିଛି ଜରୁରୀ ଉପଦେଶ ସଂକ୍ଷେପରେ ବର୍ଣ୍ଣନା କଲେ । ସେଥି ମଧ୍ୟରେ ନିଜ ଆତ୍ମଶୁଦ୍ଧି, ନିୟମିତ ରୂପେ ତହଜ୍ଜୁଦ୍ ନମାଜ ପାଠ କରିବା, ପବିତ୍ର କୁରଆନର ଗଭୀର ଅନୁଧ୍ୟାନ କରିବା, ଅଲ୍ଲାଃଙ୍କ ସ୍ତୁତିଗାନ କରିବା ଓ ଅଧ୍ୟୟନ କରିବାର ଅଭ୍ୟାସ ତଥା ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରିବା ଇତ୍ୟାଦି ଅନ୍ତର୍ଭୁକ୍ତ । ପୁନଶ୍ଚ ଅପକର୍ମରୁ ପୂର୍ଣ୍ଣ ରୂପେ ନିବୃତ୍ତ ରହିବା ଓ ଦୃଢ଼ତାର ସହିତ ଏହିସବୁ ଅଭ୍ୟାସରେ ଅଟଳ ହୋଇଯିବା । ଯେତେବେଳେ ମୁରବୀମାନେ ନିଜେ କାର୍ଯ୍ୟାନୁସରଣ କରିବେ ତେବେଯାଇ ଜମାଅତରେ ମଧ୍ୟ ନିଶ୍ଚିତ ରୂପେ ଏହି ଆତ୍ମ ସଂଚାର ହୋଇଯିବ । ପୁନଶ୍ଚ ଚିନ୍ତନ ଓ ବିଶ୍ଳେଷଣ କରିବାର ଅଭ୍ୟସ୍ତ ହେବା ଓ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଉଚିତ୍ । **ଯଦି ଏପରି ହେବ ତେବେ ଏକ ମହାବିପ୍ଳବ ଓ ନବଜାଗରଣ ଆସିପାରିବ, ଯାହାକି ଆମେମାନେ ହିଁ ଆଣିପାରିବା** । ଅଲ୍ଲାଃତାଲା ସମସ୍ତଙ୍କୁ ଏଥି ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ ଏବଂ ଧର୍ମ ପ୍ରଚାରକମାନଙ୍କୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ, ଯେ ସେମାନେ ସଠିକ୍ ଜ୍ଞାନ ଆହରଣ କରିବେ । ଆଉ ସେମାନେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବେ । ପୁନଶ୍ଚ ଇସଲାମ ଓ ଅହମଦିୟତ୍‌ର ବାର୍ତ୍ତା ସଂସାରର କୋଣ ଅନୁକୋଣରେ ପହଞ୍ଚାଇ ଦେବେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟ୍ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟ୍ୟୁଜ୍‌ଲିଲ୍‌ହୁ ଫଲା ହାଦିୟ୍ୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ୍‌ା ଇନ୍ନଲ୍‌ଲାହା ୟ୍ୟାମୁରୁବିଲ୍ ଅଦ୍‌ଲେ ୱ୍ୱଲ୍ ଇହ୍‌ସାନି ୱ୍ୱଇତାଇଜିଲ କୁର୍‌ବା ୱ୍ୱୟ୍ୟନ୍‌ହା ଅନିଲ୍ ଫହ୍‌ଶାଇ ୱ୍ୱଲ୍ ମୁନ୍‌କରି ୱ୍ୱଲ୍ ବଗ୍‌ଇ ୟ୍ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟ୍ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟ୍ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

12th December 2025

*Translated to Odia by :* Moulavi Anwar Ahmad Khan